## ଚୋରା କାଠ ବୋଝେଇ ଗାଡ଼ି ଜବତ

**ଉଦଳା,(ସନ୍ତୋଷ କୁମାର ବାଛିନୀ):** ଉଦଳା ବନ ବିଭାଗ କର୍ମଚାରୀମାନେ ଶୁକ୍ରବାର ସକାଳେ ପାଟ୍ରୋଲିଂ କରୁଥିବା ବେଳେ କଣ୍ଟିସାହି ନିକଟରୁ ଏକ ଚୋରା କାଠ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଜବତ କରିଛନ୍ତି। ଏହି କଷି ଏବଂ ଗମ୍ଭାରୀ କାଠ ଶିମିଳିପାଳରୁ ବାଲେଶ୍ୱର ଜିଲା ରେମୁଣା ଅଞ୍ଚଳକୁ ଯାଉଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ରେଞ୍ଜର ଅଜୟ କୁମାର ବେହେରା ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ଗାଡ଼ି ଡ୍ରାଇଭର ଫେରାର ହୋଇଯାଇଛନ୍ତି।

## ସଂକ୍ଷେପରେ

### ମନ୍ତେଇ ନଦୀରେ କୁମ୍ଭୀର ଆତଙ୍କ

ଭୟଭୀତ ଅବସ୍ଥାରେ ନଦୀକୂଳିଆବାସୀ

**ବାସୁଦେବପୁର,୧୮।୮(ନାରାୟଣ ପ୍ରସାଦ ବାରିକ୍):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଦେଇ ପ୍ରବାହିତ ମନ୍ତେଇ ନଦୀରେ କୁମ୍ଭୀର ଆତଙ୍କ ସୃଷ୍ଟି ହୋଇଛି। କିଛିଦିନ ହେବ ୧୫ ଫୁଟ୍‌ରୁ ଉର୍ଦ୍ଧ୍ୱ ଲମ୍ବର ଏକ କୁମ୍ଭୀର ଏହି ନଦୀରେ ଭାସୁଥିବା ଦେଖିବାକୁ ମିଳିଛି। ଗତ ସପ୍ତାହରେ କୁମ୍ଭୀର ଚାଟିବାଟିଆ ଘାଟ ନିକଟସ୍ଥ ଛତ୍ରପଦା ଗ୍ରାମର ଏକ ଗାଈକୁ ଟାଣି ନେଇ ଖାଇ ଦେଇଥିଲା। ଏହି ଘଟଣା ପରେ ଗୁରୁବାର କରଞ୍ଜଆଡ଼ିଆ ଘାଟ ନିକଟସ୍ଥ କାଳୀଗଦୀ ଗ୍ରାମ ସଂଲଗ୍ନ ନଦୀରେ ଏକ କୁମ୍ଭୀର ଭାସୁଥିବା ଦେଖି ଗ୍ରାମବାସୀ ଭୟଭୀତ ହୋଇଛନ୍ତି। ସ୍ଥାନୀୟ ଲୋକେ କରଞ୍ଜଆଡ଼ିଆ ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ ତରେଇଙ୍କୁ ଜଣାଇବା ପରେ ସେ ବନ ବିଭାଗକୁ ସୂଚନା ଦେବା ସହ ଲୋକଙ୍କୁ ନଦୀକୁ ନ ଯିବାକୁ ପରାମର୍ଶ ଦେଇଥିଲେ। ଏହାସହ ଗୃହପାଳିତ ପ୍ରାଣୀଙ୍କୁ ନଦୀପଠାକୁ ନ ଛାଡ଼ିବାକୁ ଲୋକଙ୍କୁ ବୁଝାଇଛନ୍ତି।

### ଦୋକାନ ଭିତରେ ପଶିଗଲା ଟ୍ରକ୍

**ତେଲକୋଇ,୧୮।୮(ରଞ୍ଜିତ ବିଶ୍ୱାଳ):** କେନ୍ଦୁଝର ଜିଲା ତେଲକୋଇ ଜାତୀୟ ରାଜପଥ ଜଗମୋହନପୁର ଛକରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ଦୋକନ ଭିତରେ ପଶିଯାଇଛି। ଦୁର୍ଘଟଣାରେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗୁରୁବାର ବିଳମ୍ବିତ ରାତିରେ ଏକ ଖୋଲା ଆଇରନ ବୋଝେଇ ଟ୍ରକ୍ ସମ୍ବଲପୁର ପଟୁ କେନ୍ଦୁଝରକୁ ଯାଉଥିଲା। ଜାତୀୟ ରାଜପଥ ଜଗମୋହନପୁର ଛକରେ ଏନ୍‌ଏଚ୍‌ଆଇ ପକ୍ଷରୁ ହମ୍ପସରେ ଟ୍ରକ୍‌ଟି ବ୍ରେକ୍ ଦେଇଥିବା ବେଳେ ପଛରୁ ଆସୁଥିବା ଏକ ଟ୍ୟାଙ୍କର ଧକ୍କା ଦେଇଥିଲା। ଆଇରନ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଦୋକାନ ଭିତରେ ପଶିଯାଇଥିଲା। ଟ୍ୟାଙ୍କର ଡ୍ରାଇଭର ଗୁରୁତର ହୋଇଥିବା ବେଳେ ତାଙ୍କୁ ତେଲକୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଅସୁସ୍ଥ କଣ୍ଢେଇ ନାଚ କଳାକାରଙ୍କୁ ସହାୟତା

**ଚମ୍ପୁଆ,୧୮।୮(ମହେଶ୍ୱର ଦାସ):** କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ରଙ୍ଗାମାଟିଆ ପଞ୍ଚାୟତର ଚିଆଁସିପସି ଗ୍ରାମର ଅସୁସ୍ଥ କଣ୍ଢେଇ ନାଚ କଳାକାର ମୁନିବର ସିଂକୁ ଶୁକ୍ରବାର ଏନ୍‌ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ ସହାୟତା କରିଛନ୍ତି। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ମୁନିବରଙ୍କ ପାଖରେ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି। ଖ୍ୟାତନାମା କଣ୍ଢେଇ ନାଚ କଳାକାର ଭାବରେ ପରିଚିତ ମୁନିବର ପେଟ ରୋଗରେ ଆକ୍ରାନ୍ତ ହେବାପରେ ସ୍ଥାନୀୟ ଭଣ୍ଡା ମେଡିକାଲରେ ଚିକିତ୍ସିତ ହେଉଥିଲେ। ରକ୍ତହିନତା ଯୋଗୁ ତାଙ୍କୁ ଚମ୍ପୁଆ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ବୈତରଣୀ ବାଲିଘାଟ ପରିଦର୍ଶନ

## ନିଲାମ ନ ଦେବାକୁ ଲୋକଙ୍କ ଦାବି

**ଧାମନଗର, ୧୮।୮(ସନ୍ତୋଷ କୁମାର ମହାପାତ୍ର)**

ଖଣି ବିଭାଗ, ତହସିଲ, ଜିଲା ପ୍ରଶାସନ ଓ ଜଳ ସମ୍ପଦ ବିଭାଗର ମିଳିତ ଟିମ୍ ଗୁରୁବାର ଭଦ୍ରକ ଜିଲା ଧାମନଗର ତହସିଲ ଅଧୀନ ଆନନ୍ଦପୁର ପଞ୍ଚାୟତର ବୈତରଣୀ ନଦୀ ସଇରାତ ଉତ୍ସ ବୁଲି ଦେଖିଛନ୍ତି। ଭଦ୍ରକ ଓ ବାଲେଶ୍ୱର ଜିଲା ଭୂତତ୍ତ୍ୱବିତ୍ ସନ୍ତୋଷୀପ୍ରଭା ସେଠୀଙ୍କ ନେତୃତ୍ୱରେ ଧାମନଗର ତହସିଲଦାର ସ୍ନିଗ୍ଧାରାଣୀ ଦେବୀ, ଅତିରିକ୍ତ ତହସିଲଦାର ସାଇ ସିଲୋନା ପ୍ରମୁଖ ମିଳିତ ଭାବେ ଆନନ୍ଦପୁରର ପଣସମାହାରା ଘାଟରେ ପହଞ୍ଚି ଆନନ୍ଦପୁର-୧ ବୈତରଣୀ ନଦୀ ବାଲିଘାଟ ପରିଦର୍ଶନ କରିଛନ୍ତି। ସେହିପରି ଉତେଇପୁର-୨ ବାଲିଘାଟ ବୁଲି ଦେଖିଥିଲେ। ନଦୀରେ ପାଣି ଥିବାରୁ କେବଳ ନଦୀପଠାରୁ ବାଲିଘାଟ ବୁଲି ଦେଖି ଟିମ୍ ଫେରିଯାଇଛି। ଏହାପରେ ସଇରାତ ଉତ୍ସଗୁଡ଼ିକର ଭୌଗଳିକ ସ୍ଥିତି, ଜିପିଏସ୍ ଲୋକେସନ ପ୍ରସ୍ତୁତ କରୁଥିବା ଓରସାକ୍ ଟିମ୍ ଆସି ଅନୁଧ୍ୟାନ କରିବ ବୋଲି ଭୂତତ୍ତ୍ୱବିତ୍ ସେଠୀ କହିଛନ୍ତି। ଅପରପକ୍ଷେ ଏଠାରେ ଆଉ ବାଲିଘାଟ ନିଲାମ ନ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଆନନ୍ଦପୁରଠାରେ ବୈତରଣୀ ନଦୀର ବାଲିଘାଟ ୧୯୯୫ରୁ ଚାଲି ଆସୁଥିଲା। ୨୦୧୫ରୁ ୨୦୨୦ ମଧ୍ୟରେ ଧାମନଗର ତହସିଲ ପକ୍ଷରୁ ଏହାକୁ ୫ ବର୍ଷିଆ ନିଲାମ ଦିଆଯାଇଥିଲା। ସେତେବେଳେ ନିଲାମ ନେଇଥିବା ବ୍ୟକ୍ତି ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିଲେ। ବାର୍ଷିକ ପ୍ରାୟ ୭ ହଜାର ଟନ୍ ବାଲି ଉତ୍ତୋଳନ ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ସେ ଦିନକୁ ହଜାରେ ଟନ୍‌ରୁ ଅଧିକ ବାଲି ଉଠାଇ ବିକ୍ରି କରୁଥିଲେ। ଆନନ୍ଦପୁର ଅଞ୍ଚଳରେ ବାଲିଘାଟକୁ ନେଇ ଦୀର୍ଘବର୍ଷ ହେଲା ବିବାଦ ଲାଗି ରହିଛି। ପଞ୍ଚାୟତର ଜଣେ ବ୍ୟକ୍ତି ପୂର୍ବରୁ ବାଲିଘାଟ ନିଲାମ ନେଇଥିଲେ। ୨୦୨୨ ମାର୍ଚ୍ଚ ୩୧ରୁ ତାଙ୍କ ନିଲାମ ଅବଧି ସରିଥିଲେ ବି ସେ ବେଆଇନ ଭାବେ ବାଲି ଉଠାଇ ଚାଲିଛନ୍ତି। ଏନେଇ ଆନନ୍ଦପୁରର ଅନେକ ଲୋକ ତହସିଲଦାର, ଉପଜିଲାପାଳ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଜଣାଇ ଆସିଛନ୍ତି। ହେଲେ ପଦକ୍ଷେପ ନିଆଯାଉ ନ ଥିବାରୁ ବେଆଇନ ଭାବେ ସମ୍ପୃକ୍ତ ବ୍ୟକ୍ତି ବାଲି ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଥିଲା। ଧାମନଗର ତହସିଲ ଅଫିସର ସୂଚନା ଅନୁସାରେ ଉତେଇପୁର ବାଲିଘାଟର ନିଲାମ ୨୦୧୭ରେ ହୋଇଥିଲା। ହେଲେ ମାଇନିଂ ପ୍ଲାନ ଓ ପରିବେଶ ଅନୁମତି ବିଳମ୍ବରେ ମିଳିବାରୁ ବାଲି ଉତ୍ତୋଳନ ଲାଗି ୨୦୧୯ ଡିସେମ୍ବରରେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଏଣୁ ବାଲିଘାଟର ନିଲାମ ଅବଧି ୨୦୨୪ ଯାଏ ରହିଛି। ହେଲେ ୨୦୨୨ ମାର୍ଚ୍ଚ ୩୧ରେ ଘାଟର ସିଟିଓ ଅବଧି ଶେଷ ହୋଇଛି। ସେହିପରି ୨୦୨୨ ଆର୍ଥିକ ବର୍ଷ ଯାଏ ଘାଟରୁ ୪ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ବାକି ରହିଥିବା କୁହାଯାଇଛି।

## ସଂସ୍କୃତି, ପରମ୍ପରା ସୁରକ୍ଷା ପାଇଁ ଭୂମିଜ ସମାଜ ପକ୍ଷରୁ ବିକ୍ଷୋଭ



ଭୂମିଜ ସମାଜ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**ବାଲେଶ୍ୱର, ୧୮।୮(ମାନସ ବିଶ୍ୱାଳ)**

ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଦାବିରେ ଭାରତୀୟ ଆଦିବାସୀ ଭୂମିଜ ସମାଜ ପକ୍ଷରୁ ବାଲେଶ୍ୱର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ଆଦିବାସୀ ସମ୍ପ୍ରଦାୟର ଲୋକ ସ୍ଥାନୀୟ ଷ୍ଟେଶନ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଆୟୋଜିତ ପ୍ରତିବାଦ ସଭାରେ ଭାରତୀୟ ଆଦିବାସୀ ଭୂମିଜ ସମାଜର ବାଲେଶ୍ୱର ଶାଖା ସଭାପତି ଜଗନ୍ନାଥ ସିଂ ଆଦିବାସୀ ସମାଜ ପ୍ରତି ସରକାରୀ ଉଦାସୀନତାକୁ ତୀବ୍ର ସମାଲୋଚନା କରିଥିଲେ। ଭୂମିଜ ଭାଷାର ପ୍ରଚାର ପ୍ରସାର ପାଇଁ ବହୁଭାଷୀ ଶିକ୍ଷକ ନିଯୁକ୍ତି, ସମ୍ବିଧାନର ଅଷ୍ଟମ ଅନୁସୂଚୀର ଭୂମିଜ ଭାଷାକୁ ସାମିଲ, ଭୂମିଜ ସଂସ୍କୃତି ଓ ପରମ୍ପରାର ସୁରକ୍ଷା, ଭୂମିଜମାନଙ୍କ ପାରମ୍ପରିକ ପୂଜାସ୍ଥଳୀଗୁଡ଼ିକର ସୁରକ୍ଷା ଓ ବିକାଶ, ଭୂମିଜ ସାଂସ୍କୃତିକ ସଂଗ୍ରହାଳୟ ପ୍ରତିଷ୍ଠା, ଭାଦ୍ରବ ମାସ ଏକାଦଶୀ ତିଥିରେ ପାଳିତ ହେଉଥିବା ଆଦିବାସୀ ଭୂମିଜଙ୍କ କରମପୂଜା ଦିନ ସରକାରୀ ଛୁଟି ଘୋଷଣା ଦାବି କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରଛନ୍ତି । ଦାବିପତ୍ର ପ୍ରଦାନ ବେଳେ ସୁଜାତା ସିଂ, ବିଦ୍ୟାଧର ସିଂ, ହେମେନ୍ଦ୍ର ସିଂ, ଜଗବନ୍ଧୁ ସିଂ, ବୈଦ୍ୟନାଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଜିଲାର ବିଭିନ୍ନ ବ୍ଲକ ପ୍ରତିନିଧିଙ୍କ ସମେତ ଶତାଧିକ ଆଦିବାସୀ ଭୂମିଜ ମାଦଳ ତାଳେ ତାଳେ ନୃତ୍ୟ ସହିତ ପାରମ୍ପରିକ ଅସ୍ତ୍ର ପ୍ରଦର୍ଶନ ମାଧ୍ୟମରେ ବିକ୍ଷୋଭ ସମାବେଶରେ ସାମିଲ ହୋଇଥିଲେ ।

## କଣ୍ଟେନରରୁ ୭୫ ଗୋରୁ ଜବତ, ୨ ଅଟକ

**ବାହାନଗା, ୧୮।୮(ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତର ୧୬ନମ୍ବର ଜାତୀୟ ରାଜପଥ ବେଗୁନିଆଠାରେ ଖନ୍ତାପଡା ଥାନା ପୋଲିସ୍ ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିଛି। ଏଥିରୁ ୭୫ଟି ଗୋରୁଙ୍କୁ ଉଦ୍ଧାର କରି ରେମୁଣାସ୍ଥିତ ବାମପଦାର ମା' ଭାରତୀ ଗୋଶାଳାରେ ରଖାଯାଇଛି। ଜବତ ଗୋରୁଗୁଡ଼ିକ ମଧ୍ୟରୁ ୧୫ରୁ ଅଧିକ ଅସୁସ୍ଥ ହୋଇଥିବା ବେଳେ ୩ଟିର ମୃତ୍ୟୁ ହୋଇଛି। ଶୁକ୍ରବାର ଖୋର୍ଦ୍ଧା ଜିଲା ବେଗୁନିଆରୁ ଏହି କଣ୍ଟେନର(ନଂ.ଓଆର-୦୧-ଡବ୍ଲ୍ୟୁ-୫୧୭୮)ରେ ଗୋରୁ ବୋଝେଇ ହୋଇ କୋଲକାତା ଅଭିମୁଖେ ଯାଉଥିଲା। ଖନ୍ତାପଡା ଥାନା ପୋଲିସ୍ ଗୋରୁ ବୋଝେଇ ଗାଡିକୁ ଅଟକାଇଥିଲେ। କଣ୍ଟେନର ଡ୍ରାଇଭର ବେଗୁନିଆ ଗ୍ରାମର ସାହିରୁଦ୍ଦିନ ଖାଁ ଓ ହେଲପର ଇରଫାନ ଖାଁଙ୍କୁ ଅଟକ ରଖାଯାଇଛି।

## ୩ ଗଞ୍ଜେଇ ବେପାରୀ ଗିରଫ

**ରାଇରଙ୍ଗପୁର,୧୮।୮(ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ତିରିଂ ଗ୍ରାମ ନିକଟସ୍ଥ ୨୨୦ନଂ. ଜାତୀୟ ରାଜପଥରେ ପୋଲିସ ଚଢ଼ାଉ କରି ବୁଧବାର ୩ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ସହ ୬ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଗଞ୍ଜେଇ ବେପାରୀ ବ୍ୟବହାର କରିଥିବା ଏକ ଅଟୋ ଜବତ ହୋଇଛି। ଗିରଫ ୩ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡ ରାଜ୍ୟ କୁଆଳି ଥାନା ଅନ୍ତର୍ଗତ ରୁଲାଡିହି ଗ୍ରାମର ଯୋଗେଶ୍ୱର ମହାକୁଡ଼, ଧରମପାଲ ମହାକୁଡ଼ ଏବଂ ସୁଦାମ ମହାକୁଡ଼। ଜବତ ଗଞ୍ଜେଇର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଏନେଇ ଏକ ମାମଲା(ନଂ.୧୧୨/୨୩) ରୁଜୁ ପରେ ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଭାସ୍କର ପ୍ରଧାନ କହିଛନ୍ତି।

## ଟିଏସ୍‌ଏଫ ପକ୍ଷରୁ ନିର୍ମିତ ବିଦ୍ୟାଳୟ ଶ୍ରେଣୀଗୃହ ଉଦ୍‌ଘାଟିତ

**ଯୋଡ଼ା,୧୮।୮(ମାନସ ମହାନ୍ତି)**



କେନ୍ଦୁଝର ଜିଲା ଗୁଆଲି ପଞ୍ଚାୟତରେ ଅବସ୍ଥିତ ଗନ୍ଧଲପଦା ଏବଂ କେନ୍ଦୁଡ଼ିହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ) ଦ୍ୱାରା ନବନିର୍ମିତ ୪ ଶ୍ରେଣୀ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାୟକ, ଗୁଆଲି ସରପଞ୍ଚ ବିଦ୍ୟାଧର ନାୟକ, ଟାଟା ଷ୍ଟିଲର ମହାପ୍ରବନ୍ଧକ (ଓଏମକ୍ୟୁ) ଅତୁଲ ଭଟ୍ଟନାଗର, ଟାଟା ଷ୍ଟିଲ୍‌ର କଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ ଦୀପକ ବେହେରା, ମାନବ ସମ୍ବଳ ଅଧିକାରୀ ଟି ରାମପ୍ରସାଦ, ଟି ଏସ୍‌ଏଫ୍ ୟୁନିଟ ମୁଖ୍ୟ ସଞ୍ଜୟ ସର୍ଦ୍ଦାର, ଗନ୍ଧଲପଦା ଗ୍ରାମର ଝୁରିଆ ମୁଣ୍ଡା, ଡବରା ମୁଣ୍ଡା, ବିମଳା ନାଏକଙ୍କ ସହ ନିର୍ବାଚିତ ପ୍ରତିନିଧି, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। କେନ୍ଦୁଡ଼ିହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅଭିଭାବକ କବିନ୍ଦ୍ର ନାୟକ ଟିଏସଏଫ୍‌ର କାର୍ଯ୍ୟକୁ ପ୍ରଶଂସା କହିଥିଲେ। ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଗନ୍ଧଲପଦା ଓ କେନ୍ଦୁଡିହି ସରକାରୀ ପ୍ରାଥମିକ ବିଦ୍ୟାଳୟ ଦ୍ୱୟରେ ବର୍ତ୍ତମାନଯଥାକ୍ରମେ ୧୧୦ ଏବଂ ୬୮ ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ।

## କଂଗ୍ରେସ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ଘେରାଉ


ବାଲେଶ୍ୱର: ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମକର୍ତ୍ତା।

**ବାଲେଶ୍ୱର(ମାନସ ବିଶ୍ୱାଳ)/ ନୀଳଗିରି (ପ୍ରଶାନ୍ତ କୁମାର ବିଶ୍ୱାଳ)/ ଔପଦା(ଧରିତ୍ରୀ ପଣ୍ଡା)/ ବାହାନଗା(ଅରୂପ କୁମାର ଦାସ)/ବସ୍ତା(ହରିଶଙ୍କର ପାଢୀ), ୧୮।୮**

ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ବାଲେଶ୍ୱର ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଦେଖିବାକୁ ମିଳିଥିଲା। ସଦର ବ୍ଲକ କଂଗ୍ରେସ ସଭାପତି ଜୟକୃଷ୍ଣ ବେହେରାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସ୍ଥାନୀୟ ଗାନ୍ଧୀ ସ୍ମୃତିଭବନ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ସହ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପ୍ରତିବାଦ ସଭାରେ ଜିଲା ସଭାପତି ସଞ୍ଜୀବ ଗିରି ଯୋଗଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ସମ୍ପାଦିକା ସାଧାରଣ ସମ୍ପାଦକ ପଦ୍ମାକର ଗୁର, ଅର୍ଚ୍ଚନା ନନ୍ଦୀ, ଜିଲା ଉପସଭାପତି ଗୋପୀନାଥ ପାଢୀ, କମରୁଲ ଅଲୀ ଖାଁ, ଜିଲା ସମ୍ପାଦକ ମନୋରଞ୍ଜନ ନାୟକ, ଯୁବ କଂଗ୍ରେସ ଜିଲା ସଭାପତି ରଞ୍ଜନ ଦାସ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ନୀଳଗିରି କଂଗ୍ରେସ ପକ୍ଷରୁ ରାଜବାଟୀ ସମ୍ମୁଖରୁ ଶତାଧିକ ମହିଳାପୁରୁଷ କଂଗ୍ରେସ ପତାକା ଧରି ପଦଯାତ୍ରା କରି ନୀଳଗିରି ବ୍ଲକରେ ପହଞ୍ଚିଥିଲେ। ବିଡ଼ିଓ ରାହୁଲ ମଣ୍ଡଳ ଆସି ଦାବିପତ୍ର ଗ୍ରହଣ କରିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଏହି ଧରଣାରେ ବ୍ଲକ ସଭାପତି ମନୋରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦିକା ନୀଳଗିରିର ରାଣୀ ମନୋଜା ମଞ୍ଜରୀ ଦେବୀ, ବାଲେଶ୍ୱର ପ୍ରଭାରୀ ମନୋଜ ବିଶ୍ୱାଳ, ଯଶୋଦା ନନ୍ଦନ ସିଂହ, ଜ୍ୟୋତ୍ସ୍ନା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଔପଦା ବ୍ଲକ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ଗଦାଧର ପରିଡା, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ , ଔପଦା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଭାକର ସାହୁଙ୍କ ନେତୃତ୍ୱରେ ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ନାୟକ, ଭାସ୍କର ଚନ୍ଦ୍ର ମହାପାତ୍ର, ଅନାମ ଚରଣ ବାରିକ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ଦାସ, ସନାତନ ସେଠୀ ସାମିଲ ଥିଲେ। ବାହାନଗା ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ପଥପ୍ରାନ୍ତ ସଭା କରାଯିବା ସହ ବ୍ଲକ ଘେରାଉ କରାଯାଇଥିଲା।

**ବିଶୋଇ(ଅମିତ ଦାସ)/ଠାକୁରମୁଣ୍ଡା(ତାରାକାନ୍ତ ପଟ୍ଟନାୟକ)/ମୋରଡ଼ା(ସ୍ମାରକ ମାଝୀ)/ଖୁଣ୍ଟା(ଦେବରଞ୍ଜନ ବେହେରା)/ ଉଦଳା(ସନ୍ତୋଷ କୁମାର ବାଛିନୀ)/ ରାଇରଙ୍ଗପୁର(ମାନସ ମହାନ୍ତି)/ବାଙ୍ଗିରିପୋଷି(ସଞ୍ଜୟ ଅଗ୍ରୱାଲ),୧୮।୮**

ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୯ ଦଫା ଦାବି ନେଇ ଶୁକ୍ରବାର କଂଗ୍ରେସ ପକ୍ଷରୁ ମୟୂରଭଞ୍ଜ ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସାରସକଣା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଶୋଇ ବ୍ଲକ କଂଗ୍ରେସ ସଭାପତି ସୁବାଷ ପାତ୍ର ଏହାର ନେତୃତ୍ୱ ନେଇଥିଲେ। ଠାକୁରମୁଣ୍ଡା ବ୍ଲକ କଂଗ୍ରେସ ଉପସଭାପତି ବ୍ରହ୍ମାନନ୍ଦ ଦେହୁରୀଙ୍କ ନେତୃତ୍ୱରେ କର୍ମୀମାନେ ବିକ୍ଷୋଭ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ପ୍ରମୋଦ କୁମାର ଦାସ, ପୂର୍ବତନ ବ୍ଲକ ସଭାପତି ରବୀନ୍ଦ୍ର ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ। ବରିଷ୍ଠ କଂଗ୍ରେସ ନେତା ପ୍ରଭାସକର ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ରାସଗୋବିନ୍ଦପୁର ବ୍ଲକ ଅଫିସ ଘେରାଉ କରିଥିଲେ। ଏଥିରେ ପୂର୍ବତନ ସାଂସଦ ସୁଶୀଳା ତିରିଆ, ମୋରଡ଼ା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ, ବ୍ଲକ କଂଗ୍ରେସ ଅଧ୍ୟକ୍ଷ ଯୋଗେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗୋପବନ୍ଧୁ ନଗର ବ୍ଲକ କଂଗ୍ରେସ ସଭାପତି ଗୌରାଙ୍ଗ ଚରଣ ପୁଆଳଙ୍କ ନେତୃତ୍ୱରେ ପୂର୍ବତନ ବ୍ଲକ ସଭାପତି ମନୋରଞ୍ଜନ ପରିଡ଼ା, ଡିସିସି ସଦସ୍ୟ ନାରାୟଣ ପଟ୍ଟନାୟକ, ପ୍ରଣୟ ଚୌଧୁରୀ, ମୋନାଲିସା ପାତ୍ର ପ୍ରମୁଖ ବିକ୍ଷୋଭ କରିଥିଲେ। ଉଦଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଟାଉନ କଂଗ୍ରେସ ସଭାପତି ସଞ୍ଜୀବ ମହାନ୍ତି ଏବଂ ଉଦଳା ବ୍ଲକ କାର୍ଯ୍ୟକାରୀ ସଭାପତି ରାମ ସିଂଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ବିକ୍ଷୋଭ କରିଥିଲେ। ରାଇରଙ୍ଗପୁର,ବହଳଦା ଏବଂ ତିରିଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ପ୍ରାକ୍ତନ ବିଧାୟକ ଲକ୍ଷ୍ମଣ ମାଝୀ, ଜିଲା ସାଧାରଣ ସମ୍ପାଦକ ହରିଚରଣ ସାହୁ ପ୍ରମୁଖ ଏଥିରେ ସାମିଲ ଥିଲେ। ବାଙ୍ଗିରିପୋଷି ବ୍ଲକ କଂଗ୍ରେସ ଭାପତି ମୁରଲୀଧର ନାଏକଙ୍କ ନେତୃତ୍ୱରେ ପଥପ୍ରାନ୍ତ ସଭା ଓ ବିକ୍ଷୋଭ କରାଯାଇଥିଲା।


ବାସୁଦେବପୁରରେ କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ବାସୁଦେବପୁର, ୧୮।୮ (ନାରାୟଣ ପ୍ରସାଦ ବାରିକ୍)**

ଦୁର୍ନୀତିକୁ ବିରୋଧ କରି ଭଦ୍ରକ ଜିଲା ବାସୁଦେବପୁର କଂଗ୍ରେସ ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ ସହ ପ୍ରତିବାଦ ସଭା କରାଯାଇଛି। ଜିଲା ସଭାପତି ତଥା ଏଆଇସିସି ସଦସ୍ୟ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଶୋଭାଯାତ୍ରାରେ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯୁବନେତା ବିଜୟ ମହାନ୍ତି, ଯୁବ କଂଗ୍ରେସ ବ୍ଲକ ସଭାପତି ସିଦ୍ଧାନ୍ତ ଦାସ, ନଗର ସଭାପତି ସୁଶାନ୍ତ ମହାକୁଡ଼, ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହଙ୍କ ସମେତ ବ୍ଲକ ଓ ପୌରପାଳିକାର କର୍ମୀମାନେ ସାମିଲ ହୋଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**ତେଲକୋଇ(ରଞ୍ଜିତ ବିଶ୍ୱାଳ)/ ଯୋଡ଼ା(ମାନସ ମହାନ୍ତି),୧୮।୮**

ରାଜ୍ୟ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ୯ଦଫା ଦାବି ନେଇ ଶୁକ୍ରବାର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦାବି ମଧ୍ୟରେ ବ୍ଲକ୍ ଅଫିସରେ ବ୍ୟାପକ ପିସି କାରବାର, ଆବାସ ଯୋଜନାରେ ଦୁର୍ନୀତି, ଦରଦାମ ବୃଦ୍ଧି, ବେକାରୀ, ନାରୀ ନିର୍ଯାତନା, ଚାଷୀମାରଣ ନୀତି, ଟାଟା କମ୍ପାନୀର ଖାଉଟି ବିରୋଧୀ ନୀତି ଆଦି ଦାବି ରହିଥିଲା। ଏନେଇ ରାଜ୍ୟପାଳଙ୍କୁ ବିଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ୍ ସଭାପତି ଶଶୀକାନ୍ତ ଧିର, ପୂର୍ବତନ ସାଂସଦ ପ୍ରାର୍ଥୀ ମୋହନ ହେମ୍ବ୍ରମ, ନାରାୟଣ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ବନ ବିହାରୀ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

ଯୋଡ଼ା ବ୍ଲକ୍‌ରେ କଂଗ୍ରେସ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରି ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜିବ ଏକ୍କାକୁ ପ୍ରଦାନ କରାଯାଇଛି। ବ୍ଲକ୍‌ର ବିଭିନ୍ନ ପ୍ରାନ୍ତରୁ ଶହ ଶହ ସଂଖ୍ୟାରେ କଂଗ୍ରେସ କର୍ମକର୍ତ୍ତାମାନେ କଂଗ୍ରେସ ନେତା ଯଦୁମଣୀ ବାରିକଙ୍କ ନେତୃତ୍ୱରେ ଘେରାଓରେ ସାମିଲ ହୋଇଥିଲେ।

## ନହଙ୍ଗ ବିଦ୍ୟାଳୟରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

**ଖଇରା, ୧୮।୮(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକର ନହଙ୍ଗସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ ଜାତୀୟ ସେବା ଯୋଜନାରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ୯ତାରିଖରୁ ଆରମ୍ଭ ହୋଇ ୧୫ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ଅନିତାରାଣୀ ନାୟକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳିକା ଅଳକାନନ୍ଦା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ଦିନ ଧରି ବୃକ୍ଷରୋପଣ ସହ ପିଲାଙ୍କ ମଧ୍ୟରେ ଦେଶାତ୍ମବୋଧ ଜାଗ୍ରତ ଓ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଗଷ୍ଟ ୧୫ ଶେଷ ଦିବସରେ ଅଧ୍ୟକ୍ଷାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଯବାନ ଶଶିକାନ୍ତ ଜେନା ଯୋଗଦେଇ ମାଟିକା ନମନ, ବିରୋଁକା ବନ୍ଦନ ବିଷୟ ଉପରେ ବକ୍ତବ୍ୟ ରଖି ମାଟି ଓ ଦେଶ ପାଇଁ ଉତ୍ସର୍ଗୀକୃତ ଭାବନା ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଅଧ୍ୟାପକମାନେ ଦେଶର ରକ୍ଷା ପାଇଁ ମାଟି ଛୁଇଁ ଶପଥ ନେଇଥିଲେ। ଅଧ୍ୟାପିକା ଜ୍ୟୋତ୍ସ୍ନାବାଳା ଦାସ, ଅଳକାନନ୍ଦା ସାହୁ, ମମତାମୟୀ ପଣ୍ଡା, ରମା ଦାସ, ଅଧ୍ୟାପକ ବସନ୍ତ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।



ଅଧ୍ୟାପିକାଅଧ୍ୟାପକମାନେ ମାଟି ଛୁଇଁ ଶପଥ ନେଉଛନ୍ତି।

## ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଗଣଧାରଣା

### ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ

**କେନ୍ଦୁଝର,୧୮।୮(ନରେଶ ଚନ୍ଦ୍ର ପଟ୍ଟନାୟକ)**

ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ, ଆହ୍ୱାନ କ୍ରମେ ୨ ଦଫା ଦାବିରେ କେନ୍ଦୁଝର ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କାର୍ଯ୍ୟବନ୍ଦ କରି ଗଣାଧାରଣାରେ ବସିଛନ୍ତି। ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ତଥା ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ଯଥୋଚିତ ଦାବିକୁ ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ ପ୍ରତିବାଦରେ ଜିଲାର ୧୩ ବ୍ଲକ୍‌ର ୧୮୭ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ପୂର୍ବରୁ ୨ ଦଫା ଦାବି ପୂରଣ ନେଇ ଅଗଷ୍ଟ ୭ରୁ କଳାବ୍ୟାଚ୍ ପରିଧାନ କରି ପ୍ରତିବାଦ କରିଥିଲେ। ଦାବି ଅନୁଯାୟୀ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା +୨ ରୁ + ୩ କରିବା ସହ ପେ ଲେଭୁଲ-୫ ର ୨୧ହଜାର ୭୦୦ରୁ ପେ ଲେଭୁଲ-୯ ର ୩୫ ହଜାର ୪୦୦ମଞ୍ଜୁର ପ୍ରଦାନ କରିବା ଓ ୧୦ ବର୍ଷ ଚାକିରି ପୂର୍ଣ୍ଣ କରିଥିବା ପିଇଓ ସମୂହଙ୍କ ପାଇଁ ସ୍ୱତନ୍ତ୍ର ପଦବୀ ସୃଷ୍ଟି କରି ଉଚ୍ଚତର ପେ ଲେଭୁଲରେ ଅବସ୍ଥାପିତ କରିବା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦବୀକୁ ଶତ ପ୍ରତିଶତ ପଦୋନ୍ନତିର ବ୍ୟବସ୍ଥା କରିବା ସହ ଓପିଆର୍‌ଏସ୍ କ୍ୟାଡ଼ରରେ ପିଇଓମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଦାବି ରଖିଛନ୍ତି। ଗଣଧାରଣାରେ ଜିଲା ଉପ ସଭାପତି ବ୍ରହ୍ମାନନ୍ଦ ବାରିକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ହିମାଂଶୁ ଶେଖର ବାରିକ, କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ନନ୍ଦ, ଜିଲା ଯୁଗ୍ମ ସମ୍ପାଦକ ରଞ୍ଜିତ ମହାନ୍ତ, କାର୍ଯ୍ୟକାରୀ ସଭ୍ୟ ସଞ୍ଜୟ ମହାନ୍ତ, ପ୍ରତାପ ମହାନ୍ତ, ବିନୋଦ ବିହାରୀ ସାହୁ, ରମେଶ ମହାନ୍ତ, ପୁରୁଷୋତ୍ତମ ସାହୁ, ଅନୀଲ ମହାନ୍ତ, ଭବାନୀ ମହାନ୍ତ, ସୁବ୍ରତ ସେଠୀ, ଶୁଭଶ୍ରୀ ସେଠୀ, ଅଭିଳାଷ ରାଜ, ଶେଷଦେବ ବେହେରା, ସାରଙ୍ଗଧର ରଣା, ପଙ୍କଜ ସାହୁ, ଅଶୋକ ମହାନ୍ତ, ଅମୀୟ ରାଉତ, ଅମୂଲ୍ୟ ପହି, ମହେଶ୍ୱର ରାଉତଙ୍କ ସମେତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସାମିଲ ହୋଇଛନ୍ତି।



ଧାରଣାରତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ।

## ଚଳନ୍ତା ବସ୍‌ରେ ଛାତ୍ରୀଙ୍କ ଫଟୋ ଉଠାଇ ମାଡ଼ ଖାଇଲେ ଯୁବକ

ସୋର,(ଜନ୍ମେଜୟ ମିଶ୍ର)-ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ବସ୍‌ଷ୍ଟାଣ୍ଡ ନିକଟରେ ବସ୍‌ରେ ଯାତ୍ରା ବେଳେ ଜଣେ ଛାତ୍ରୀଙ୍କ ଫଟୋ ଉତ୍ତୋଳନ କରି ଯୁବକଜଣଙ୍କ ଉତ୍ତମମଧ୍ୟମ ଖାଇଛନ୍ତି। ଖଇରା କଇଁଥଗଡିଆ ଗ୍ରାମର ରଘୁନାଥ ନାୟକ ବସ୍ ଯୋଗେ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ କଲେଜ ଛାତ୍ରୀଙ୍କ ଫଟୋ ଉଠାଉଥିଲେ। ତାଙ୍କ ପାଖକୁ ଯାଇ ଅଶ୍ଳୀଳ ଇଙ୍ଗିତ କରି ଦେହରେ ହାତ ମାରିଥିଲେ। ପରେ ଛାତ୍ରୀ ଜଣଙ୍କ ଉତ୍ତରେଶ୍ୱର ବସଷ୍ଟାଣ୍ଡରେ ଓହ୍ଲାଇବା ପରେ ସ୍ଥାନୀୟ ଲୋକେ ରଘୁନାଥଙ୍କୁ ଦୀର୍ଘ ସମୟ ଅଟକ ରଖି ଉତ୍ତମମଧ୍ୟମ ଦେଇଥିଲେ।

### ସଂକ୍ଷେପରେ

## ଗୌରୀରାଣୀ ନାଏକ ନୂତନ ଜିଲା ଶିକ୍ଷା ଅଧିକାରୀ

କେନ୍ଦୁଝର,୧୮।୮(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାର ନୂତନ ଶିକ୍ଷା ଅଧିକାରୀଭାବେ ଗୌରୀରାଣୀ ନାଏକ ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ପ୍ରାଥମିକ ଶିକ୍ଷା



ନିର୍ଦ୍ଦେଶାଳୟରେ ଯୁଗ୍ମ ନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରୁଥିଲେ। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଅନ୍ୟ କର୍ମଚାରୀ ଓ ବିଭିନ୍ନ ଶିକ୍ଷକ ସଂଗଠନ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଶିକ୍ଷକ, କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଏବଂ ବିଦ୍ୟାଳୟ ଗୁଡ଼ିକରେ ସୂଚାରୁରୂପେ ପାଠପଢ଼ା ଉପରେ ସେ ପ୍ରାଧାନ୍ୟ ଦେବେ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି, ଶିକ୍ଷା ଅଧିକାରୀ ନାଏକ ପୂର୍ବରୁ କେନ୍ଦୁଝର ପୁରୁଣାସହରସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅଧ୍ୟକ୍ଷା ଭାବେ କାର୍ଯ୍ୟ କରି ପ୍ରଶଂସାଭାଜନ ହୋଇପାରିଥିଲେ। ତେବେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କେତେକ ଅସାଧୁ କର୍ମଚାରୀ ଦୁର୍ନୀତିରେ ଲିପ୍ତଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ନୂତନ ଜିଲା ଶିକ୍ଷା ଅଧିକାରୀ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ସଦ୍‌ଭାବନା ଦିବସରେ ଶପଥପାଠ

ବାରିପଦା,୧୮।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଫେସିଲିଟେସନ ସେଣ୍ଟରଠାରେ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଅଧିକାରୀମାନେ ଶୁକ୍ରବାର ସଦ୍‌ଭାବନା ଦିବସ ପାଳନ ଉପଲକ୍ଷେ ଶପଥ ପାଠ କରିଥିଲେ। ଅତିରିକ୍ତ ଜିଲାପାଳ (ସାଧାରଣ) ରୁଦ୍ର ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶପଥ ପାଠ ଉତ୍ସବରେ ଡେପୁଟି କଲେକ୍ଟର ଜରୁରୀ ବିଭାଗ ସୁଜୟ କୁମାର ପତି ଯୋଗ ଦେଇଥିବା ବେଳେ ଅନ୍ୟ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତି ଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ।

## ୭ ଫୁଟ୍ ଅଜଗର ଉଦ୍ଧାର

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ପଦ୍ମପୁର ଗ୍ରାମର ଲାଲ ମୋହନ ମହାନ୍ତଙ୍କ ବାଡ଼ିରୁ ବନ ବିଭାଗ ଶୁକ୍ରବାର ଏକ ୭ ଫୁଟ ଲମ୍ବର ଅଜଗର ସାପକୁ ଉଦ୍ଧାର କରିଛି। ସାପଟି ସକାଳୁ କୁକୁଡ଼ା ଅଣ୍ଡା ଖାଇବା ଉଦ୍ଦେଶ୍ୟରେ ଲାଲ ମୋହନଙ୍କ ଘରକୁ ପଶିବା ବେଳେ ତାରବାଡ଼ରେ ଫସି ରହିଥିଲା। ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ସାପକୁ ଉଦ୍ଧାର କରି ପଦ୍ମପୁର ସଂରକ୍ଷିତ ଜଙ୍ଗଲରେ ସୁରକ୍ଷିତ ଭାବରେ ଛାଡ଼ିଦେଇଥିବା ଡେପୁଟି ରେଞ୍ଜର ଅମୂଲ୍ୟ ସେନାପତି କହିଛନ୍ତି।

# ମାଡୁଛି ଡେଙ୍ଗୁ, ଲୋକେ ଆତଙ୍କିତ

ରାଇବଣିଆ, ୧୮।୮(ନବୀନ ସାହୁ)



ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସର୍ଦାରବନ୍ଧ ପଞ୍ଚାୟତ ଚୂଡ଼ାମଣିପୁର, ବୋଇତାଲୁପଦା ଓ ପଞ୍ଚୁଘଣ୍ଟାରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ଏହି ଗାଁର ପ୍ରତି ପରିବାରରେ କେହି ନା କେହି ଜ୍ୱରରେ ପୀଡ଼ିତ ଅଛନ୍ତି। ୩ ଗାଁରେ ଜ୍ୱର ଆକ୍ରାନ୍ତଙ୍କ ସଂଖ୍ୟା ଦେଖି ହାତୀଗଡ଼ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୋମବାର ୨୪ଜଣ ଆକ୍ରାନ୍ତଙ୍କ ରକ୍ତନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ନମୁନା ପରୀକ୍ଷା ପରେ ୧୨ଜଣଙ୍କ ରିପୋର୍ଟ ପଜିଟିଭ ରିପୋର୍ଟ ଆସିଛି। ସୁଗୋ, ପଞ୍ଚୁଘଣ୍ଟାରେ ୮ଜଣ ଆକ୍ରାନ୍ତ ହୋଇଥିବା ବେଳେ ଜଳେଶ୍ୱରରେ ମୋଟ ୨୦ଜଣ ଆକ୍ରାନ୍ତ ହୋଇଥିବା ମେଡିକାଲ ଅଫିସର ପ୍ରଭାସ କୁମାର ନାୟକ ସୂଚନା ଦେଇଛନ୍ତି। ଏତେସଂଖ୍ୟାରେ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଛି। ବାଲେଶ୍ୱର ସାସ୍ଥ୍ୟ ବିଭାଗର ଅଧିକାରୀ ବିସି ସୁରଙ୍କ ନେତୃତ୍ୱରେ ଏକ ଦୁଇ ଜଣିଆ ଟିମ୍ ଗାଁକୁ ଯାଇ ସ୍ଥିତି ପରୀକ୍ଷା କରିଛନ୍ତି। ସେହିପରି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗାଁର ଆଶା କର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ଏକ ଟିମ୍ ନିୟମିତ ଉକ୍ତ ଅଞ୍ଚଳକୁ ଯାଉଛନ୍ତି। ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଡେଙ୍ଗୁ ମୁକାବିଲା ପାଇଁ ସଚେତନ କରାଉଛନ୍ତି ବୋଲି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ପ୍ରଭାସ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଏପରି ସମୟରେ ସର୍ଦ୍ଦାରବନ୍ଧ ପଞ୍ଚାୟତରେ ଏକ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ପ୍ରତିଷ୍ଠା ସହ ରକ୍ତନମୁନା ସଂଗ୍ରହ ସହ ପରୀକ୍ଷା ସଂଖ୍ୟା ବୃଦ୍ଧି ପାଇଁ ସାଧାରଣରେ ଦାବି ହୋଇଛି। ଅସ୍ଥାୟୀ କ୍ୟାମ୍ପ ପ୍ରତିଷ୍ଠା ଦାବି କରିଛନ୍ତି। ସର୍ଦ୍ଦାରବନ୍ଧ ପଞ୍ଚାୟତରେ ପ୍ରଥମେ ୩ଟି ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇ ବାଲେଶ୍ୱର ବଡ଼ ମେଡ଼ିକାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା । ଜଣେ ଡେଙ୍ଗୁ ରୋଗୀ ସୁସ୍ଥ ହୋଇ ଘରକୁ ଆସିଥିଲା ବେଳେ ଆଉ ୨ ଜଣ ବାଲେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ସର୍ଦ୍ଦାରବନ୍ଧ ପଞ୍ଚାୟତରେ ଡେଙ୍ଗୁ ରୋଗୀର ନିରାକରଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ମାଧ୍ୟମରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଜଣାଇଛନ୍ତି । ଏନେଇ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ପ୍ରଭାସ କୁମାର ନାୟକ ପ୍ରତିକ୍ରିୟାରେ କହିଛନ୍ତି, ସାମାନ୍ୟ ଜ୍ୱରରେ ଆକ୍ରାନ୍ତ ହେଲେ ତାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଉଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ଲମ୍ବୋଦର



@ଲିପୁ



@ପ୍ରଶାନ୍ତକୁମାର

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# ହରିହରଙ୍କୁ ସିମୁଳିଆ ଗୌରବ ସମ୍ମାନ



ଅତିଥିମାନଙ୍କ ଦ୍ୱାରା କୃତୀ ହରିହରଙ୍କୁ ସମ୍ମାନ ପ୍ରଦାନ କରାଯାଉଛି।

ସିମୁଳିଆ, ୧୮।୮(ସନ୍ତୋଷ ନାୟକ)

ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସିମୁଳିଆର ହରିହର ଧଳଙ୍କୁ ସ୍ୱାଧୀନତା ଦିବସରେ ସିମୁଳିଆ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ସିମୁଳିଆ ପ୍ରେସ୍ କ୍ଲବ ପକ୍ଷରୁ 'ସିମୁଳିଆ ଗୌରବ ସମ୍ମାନ' ପ୍ରଦାନ କରାଯାଇଛି । ପ୍ରେସ କ୍ଲବର ସଭାପତି ଭରତ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷିକେଶ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋକୁଳାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ କୃତୀମାନଙ୍କର ହିଁ ପୂଜନ କରାଯାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସେହିପର ଅତିଥି ରୂପେ ବିଡିଓ ପୃଥ୍ୱୀରାଜ ପରିଡା ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରିବା ସହିତ ମନରେ ଗର୍ବ ନ ଆଣି ଜନସାଧରଣଙ୍କୁ ସେବା ଯୋଗାଇ ଦେବା ସମ୍ପର୍କରେ ପରାମର୍ଶ ଦେଇଥିଲେ। କୃତିତ୍ୱ ଅର୍ଜନ କରିଥିବା ହରିହର ନିଜର ନିଷ୍ଠା ଓ ପରିଶ୍ରମ ବିଷୟରେ କହିଥିଲେ। ମହିଳାମାନେ ହରିହରଙ୍କ ମୁଣ୍ଡରେ ଫୁଲ ପକାଇ ଶୁଭକାମନା କରିଥିଲେ । ଏହି ଅବସରରେ ହରିହରଙ୍କୁ ମାନପତ୍ର, ଉପଢୌକନ ଓ ଫୁଲତୋଡା ମାଧ୍ୟମରେ ସ୍ୱାଗତ ସମ୍ବର୍ଦ୍ଧିତ ଦିଆଯାଇଥିଲା। ପ୍ରେସକ୍ଲବର ସମ୍ପାଦକ ଗଦାଧର ଜେନା ପ୍ରାକ୍ ସୂଚନା, ସ୍ୱାଗତ ଭାଷଣ ପ୍ରଦାନ ଓ ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ନାୟକ ଶେଷ ସ୍ପର୍ଶ ଦେଇଥିଲେ। ଏହି ଅବସରରେ ସମସ୍ତ ଖବରଦାତା ଓ ଅନ୍ୟାନ୍ୟ ଅତିଥିମାନେ ଯୋଗ ଦେଇଥିଲେ ।

## ଭୋଗରାଇରେ ସେବା ସମବାୟ ସମିତି ସଂଖ୍ୟା ୨୯କୁ ବୃଦ୍ଧି

ଭୋଗରାଇ, ୧୮।୮(ପ୍ରଦୀପ ଦାସ )

ରାଜ୍ୟ ସରକାର କୃଷି ଏବଂ କୃଷକଙ୍କ ଉନ୍ନତି ପାଇଁ ପ୍ରତି ପଞ୍ଚାୟତରେ ସେବା ସମବାୟ ସମିତି ଗଠନ ଓ ଗୃହ ନିର୍ମାଣ ଘୋଷଣା କରିଥିବା ବେଳେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଏହି ସମବାୟ ସମିତି ସଂଖ୍ୟା ୧୯ରୁ ୨୯କୁ ବୃଦ୍ଧି ପାଇଛି। ଏଥିପାଇଁ ନୂତନ ଭାବେ ୧୦ଟି ପଞ୍ଚାୟତର ସେବା ସମବାୟ ସମିତି କାର୍ଯ୍ୟାଳୟର ଭିତ୍ତି ସ୍ଥାପନ କରାଯାଇଥିବାବେଳେ ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ନୂତନ ଭାବେ ସେବା ସମବାୟ ସମିତି କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ କରାଯାଇଛି। ଏହି ସେବା ସମବାୟ ସମିତିରେ ୭ ଗାଁର କୃଷକମାନେ ଉପକୃତ ହେବେ ବୋଲି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସେବା ସମବାୟ ସମିତିର ସଭାପତି ଗଣେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ମତପ୍ରକାଶ କରିଛନ୍ତି। ଏହି କେନ୍ଦ୍ରୀୟ ସେବା ସମବାୟ ସମିତିର ନିର୍ଦ୍ଦେଶକ ଆଶିଷ କୁମାର ପାତ୍ର, କେନ୍ଦ୍ରୀୟ ବ୍ୟାଙ୍କ ଚନ୍ଦନେଶ୍ୱର ଶାଖାର ମ୍ୟାନେଜର ଅନନ୍ତ ଦାସ, ବିଧାୟକଙ୍କ ପ୍ରତିନିଧି ବିଶ୍ୱଜିତ ଦାସ, ସମିତିର ନୂତନ ସଭାପତି ସୁକୁମାର ସାହୁ, ସମବାୟ ସମିତିର ସମ୍ପ୍ରସାରଣ ଅଧିକାରୀ ବସନ୍ତ କୁମାର ଗିରି, ଜିଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ସରପଞ୍ଚ ଅଶୋକ କୁମାର ସାସମଲ, ସମିତି ସଭ୍ୟା ସୁମିତା ପ୍ରଧାନ, ପୂର୍ବତନ ସରପଞ୍ଚ ନଗେନ୍ଦ୍ର ପାତ୍ର, ନଗେନ୍ଦ୍ର ଜେନା ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି କୃଷି ଓ କୃଷକଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ନୀତି ନିୟମ ମଧ୍ୟରେ ଋଣନେବା ଓ ଋଣ ପରିଶୋଧ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପଞ୍ଚାୟତରେ ନୂତନ ସେବା ସମବାୟ ସମିତି କାର୍ଯ୍ୟକାରୀ ହୋଇଥିବାରୁ ଗ୍ରାମାଞ୍ଚଳର କୃଷକମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି ।

# ପିଇଓଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଭଦ୍ରକ,୧୮।୮(ସନାତନ ରାଉତ/ରବିନାରାୟଣ ଖିଲାର)



ଭଦ୍ରକ ଜିଲାର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ମାନେ ୨ଦଫା ଦାବି ନେଇ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଜିଲାପାଳଙ୍କ ଅଫିସ ଆଗରେ ଗଣଧାରଣା ଦେଇଛନ୍ତି। ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ବେଳେ ସରକାର ସେମାନଙ୍କ ଦୀର୍ଘଦିନର ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି। ଚଳିତମାସ ୭ ତାରିଖରୁ ୧୭ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧିଥିଲେ। କିଛି ସୁଫଳ ନ ମିଳିବାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଥିବା ଜିଲା ସଂଘ ସଭାପତି ଗୋପାଳ କିଶୋର ପଣ୍ଡା କହିଛନ୍ତି। ଜିଲା ସଂଘ ସମ୍ପାଦକ ପ୍ରକାଶ ନାୟକ, ଉପସଭାପତି କାର୍ତ୍ତିକ ସ୍ୱାଇଁ, ସହସମ୍ପାଦକ ଦୀପକ ମହାନ୍ତି, ଚନ୍ଦ୍ରକାନ୍ତ ବେହେରା, କୋଷାଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ରାଉତ, ସୌମ୍ୟଜିତ୍ ସାହୁ, ସମୀକ୍ଷା ତ୍ରିପାଠୀ, ନରହରି ଆଇଚଙ୍କ ସମେତ ସମସ୍ତ ବ୍ଲକର ପିଇଓ ଧାରଣାରେ ସାମିଲ ହୋଇଛନ୍ତି।

# ବଢୁଛି ବୈତରଣୀ ଜଳସ୍ତର

ଭଣ୍ଡାରିପୋଖରୀ, ୧୮।୮ (ରବିନାରାୟଣ ଖିଲାର)

ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀ ଜଳସ୍ତର ବୃଦ୍ଧି ପାଇଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦାଠାରେ ବୈତରଣୀର ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ଶୁକ୍ରବାର ରାତି ୧୦ଟା ସୁଦ୍ଧା ଜଳସ୍ତର ୧୭.୮୦ ମିଟର ଛୁଇଁଛି। ଅପରାହ୍ନରୁ ଜଳସ୍ତର ବଢ଼ିବାରେ ଲାଗିଛି। ତେବେ ବର୍ଷା ପରିମାଣକୁ ଦେଖିଲେ ନଦୀରେ ସାମାନ୍ୟ ବନ୍ୟାଜଳ ଆସିପାରେ ବୋଲି ଯାଜପୁର ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇ ପ୍ରକାଶ କରିଛନ୍ତି। ଗତ ୨୪ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆଠାରେ ସର୍ବାଧିକ ୧୨୦.୬ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ଆନନ୍ଦପୁରଠାରେ ୨୧.୮ ମି.ମି., କେନ୍ଦୁଝରରେ ୮୧.୬ ମି.ମି., ସ୍ୱାମପାଟଣାରେ ୧୪.୬ ମି.ମି., ଠାକୁରମୁଣ୍ଡାରେ ୧୭.୪ ମି.ମି. ଓ ଆଖୁଆପଦାଠାରେ ୪୧.୮ ମି.ମି. ବର୍ଷା ହୋଇଛି। ଉପରମୁଣ୍ଡରେ ସେଭଳି ବଡ଼ ଧରଣର ବର୍ଷା ନ ଥିବାରୁ ନଦୀରେ ବଡ଼ ବନ୍ୟା ଆଶଙ୍କା ନାହିଁ। ଆଖୁଆପଦାଠାରେ ଅତିବେଶିରେ ୧୮ମିଟର ଭିତରେ ଜଳ ପ୍ରଭାବିତ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଏଥିପାଇଁ ଲୋକେ ଭୟଭୀତ ନ ହେବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ବୈତରଣୀରେ ପ୍ରଥମ ବନ୍ୟା ଆସି ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର କୃଷିକ୍ଷେତ୍ର ବିଶେଷ ପ୍ରଭାବିତ ହୋଇଥିଲା। ଏବେ ଦ୍ୱିତୀୟ ବନ୍ୟା ଆଶଙ୍କାରେ ଖୁଟୁଣା, ବନ୍ଧାଲୋ-ମଢ଼ିଆଳି, ନପଙ୍ଗ, ଷୋଳମପୁର, ମାଳଦା, ରହଣିଆ, କୁରିଗାଁ ପଞ୍ଚାୟତର ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି।

# ରକ୍ତ ଦାନ ଶିବିର

କରଞ୍ଜିଆ,୧୮।୮(କବିତା ମହାନ୍ତ)- କରଞ୍ଜିଆସ୍ଥିତ ପାଞ୍ଚପୀଢ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜେଆର୍‌ସି ଏବଂ ଏନ୍‌ଏସ୍‌ଏସ୍ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏଥିରେ ମୋଟ ୨୫ଜଣ ରକ୍ତଦାତା ରକ୍ତ ଦାନ କରିଥିଲେ। ଶିବିରକୁ ପାଞ୍ଚପୀଢ଼ ଡିଗ୍ରୀ କଲେଜର ଅଧ୍ୟକ୍ଷା ପ୍ରଣତି ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡା. ଶିବାନନ୍ଦ ମହାନ୍ତି, ଅଧ୍ୟକ୍ଷ ଉମେଶ ଅଗ୍ରୱାଲ ଓ ଉମାଶଙ୍କର ଦାସ ଯୋଗଦେଇଥିଲେ। ରକ୍ତକେନ୍ଦ୍ରର ଅଧିକାରୀ ଡା. ଗୌରାଙ୍ଗ ଚରଣ ନାୟକ ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କପିଳେନ୍ଦ୍ର ଦେବ ରାଉତ, ତ୍ରିଲୋଚନ ମହାନ୍ତ, ରଜତ ମହାକୁଡ଼, ସୁମନ୍ତ ମହାନ୍ତ, ଗାୟେତ୍ରୀ ସାହୁ ସହଯୋଗ କରିଥିଲେ। ଜେଆର୍‌ସିର ଅଫିସର ମାନସ ବେହେରା ଶିବିର ପରିଚାଳନା କରିଥିବା ବେଳେ ଯଯାତି ମହାନ୍ତ, ମଙ୍ଗଲୁ ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ଭୀମସେନ ବେହେରା ସହଯୋଗ କରିଥିଲେ।

# ଜରାନିବାସରେ ସ୍ୱାସ୍ଥ୍ୟସେବା

ଭଦ୍ରକ, ୧୮।୮ (ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକର ଜଳଗାଁସ୍ଥିତ କଳ୍ପନାଦେବୀ ଜରାନିବାସଠାରେ ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା ଓ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପୁଅ ସାରାଂଶ ଓ ଝିଅ ରୁଦ୍ରାଂଶୀଙ୍କ ଜନ୍ମଦିନ ପାଳନ ଅବସରରେ ଡା. ଭାଗ୍ୟଶ୍ରୀ ପଣ୍ଡା ଓ ଡା. ଧନଞ୍ଜୟ ପଣ୍ଡାଙ୍କ ସହ ଡା. ପ୍ରଭୁଦତ୍ତ ଦାଶ ଏବଂ ଡା. ଶୁଭଶ୍ରୀ ଦାଶଙ୍କ ଦ୍ୱାରା ଏହି ଶିବିରରେ ଦୁଇଶହରୁ ଅଧିକ ରୋଗୀ ଓ ଜରାନିବାସ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଭଦ୍ରକ ରୋଟାରୀ କ୍ଲବର ସଭାପତି ରୋଟାରିଆନ ପ୍ରଣବ କୁମାର ସାହୁ, ସମ୍ପାଦକ ଇନ୍ଦ୍ରଜିତ ସାହୁ ଓ ଡା. ହରେକୃଷ୍ଣ ନାୟକ ଶିବିର ଆୟୋଜନ କରିଥିଲେ। ରୋଟାରିଆନ ଅଭିଜିତ ନାୟକ, ମାଙ୍ଗୀଲାଲ ବଳଦେବା, ସନ୍ତୋଷ ନାୟକ, ଅନିମା ନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଡା. ଭାଗ୍ୟଶ୍ରୀ ପଣ୍ଡାଙ୍କ ଆନୁକୂଲ୍ୟରେ ସମସ୍ତଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଅଞ୍ଜନା ମିଶ୍ର, ଦିଲୀପ ନାୟକ, ଚୈତାଳି ଖିଲାର, ଭାସ୍କର ଚନ୍ଦ୍ର ପାଢୀ, ବଳରାମ ଦାଶ, ଦୀପଙ୍କର ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।



# ବୈତରଣୀରେ ମିଶିଯାଉଛି ଚାଷ ଜମି

■ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗୋଧୂଳିବାସୀ

■ନଦୀ କୂଳରେ ପଥର ପ୍ୟାଚିଂ ଦାବି

ଚମ୍ପୁଆ,୧୮।୮(ମହେଶ୍ୱର ଦାସ)



ଉପଜିଲାପାଳଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

କେନ୍ଦୁଝର ଜିଲାର ଲାଇଫ୍ ଲାଇନ କୁହାଯାଉଥିବା ବୈତରଣୀ ନଦୀ ଦିନକୁ ଦିନ କୂଳ ଲଘୁଛି। ଫଳରେ ନଦୀ କୂଳରେ ଥିବା ଚାଷ ଜମି ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାକୁ ବସିଛି। ଚମ୍ପୁଆ ଏନଏସି ଅନ୍ତର୍ଗତ ୧ ନଂ. ୱାର୍ଡ ଗୋଧୂଳି ଗ୍ରାମର ଅନେକ ଜମି ବୈତରଣୀରେ ମିଶି ସାରିଲାଣି। ପ୍ରଶାସନ ପକ୍ଷରୁ ପଥର ପ୍ୟାଚିଂ କରି ଚାଷ ଜମିକୁ ରକ୍ଷା କରିବାକୁ ଚାଷୀକୂଳ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଉପାନ୍ତ ଅଞ୍ଚଳ ଚମ୍ପୁଆରେ ଗୋଧୂଳି ଗ୍ରାମ ଏକ ଉପାନ୍ତ ଗ୍ରାମ ଭାବେ ପରିଚିତ। ଏଠିକାର ପ୍ରାୟ ୯୯ ଭାଗ ଅଧିବାସୀ ଆଦିବାସୀ ହୋଇଥିବା ବେଳେ ଚାଷ କାର୍ଯ୍ୟ ଏମାନଙ୍କର ମୁଖ୍ୟ ଜୀବିକା ଅଟେ। ମାତ୍ର ଗ୍ରାମବାସୀଙ୍କ ଚାଷ ଜମି ଗୁଡ଼ିକ ନଦୀ କୂଳରେ ରହିଥିବା ବେଳେ ବର୍ଷା ଆସିଲେ ନଦୀ କୂଳ ଲଂଘିବା ସହ ଚାଷ ଜମିକୁ ଧୋଇ ନେଉଛି। ଗ୍ରାମର ସୀମା ନିର୍ଦ୍ଧାରଣ କରୁଥିବା ଏହି ନଦୀ ଗୋଧୂଳି ନିକଟରେ ନିଜର ଗତିପଥ ପରିବର୍ତ୍ତନ କରିବା ସହିତ ଝାଡ଼ଖଣ୍ଡ ଅପେକ୍ଷା ଓଡ଼ିଶା ସୀମାରେ ଦିନକୁ ଦିନ କୂଳଲଘି ଚାଲିଛି। ୨୦୧୫-୧୬ ମସିହାରେ ତତ୍କାଳୀନ ବିଧାୟକ ସନାତନ ମହାକୁଡ଼ଙ୍କ ଚେଷ୍ଟାରେ ବୈତରଣୀ ଡିଭିଜନ ଶାଳପଡ଼ା ପକ୍ଷରୁ ପ୍ରାୟ ୪୦୦ ମିଟର ପଥର ପ୍ୟାଚିଂ କରାଯାଇଥିଲେ ହେଁ ୨ ବର୍ଷ ପରେ ସେଥିରୁ ଅଧା ପଥର ନଦୀ ଗର୍ଭକୁ ଚାଲିଯାଇଛି। ଫଳରେ ଚାଷୀଙ୍କ ପ୍ରାୟ ଏକର ଏକର ଚାଷ ଜମି ନଦୀ ଗର୍ଭକୁ ଚାଲିଗଲାଣି। ଆଗକୁ ଏହାର ସମାଧାନ କରା ନ ଗଲେ ଚାଷୀ ଚାଷ ହରାଇବ। ଏହାର ନିରାକରଣ ପାଇଁ ତଥା ନଦୀ କୂଳରେ ପଥର ପ୍ୟାଚିଂ କରିବା ପାଇଁ ଗ୍ରାମବାସୀମାନେ ଚମ୍ପୁଆ ଉପଜିଲାପାଳ ସୁକାନ୍ତ ମାଝିଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି।

# ବଡ଼ହଳ ରାସ୍ତା ମରଣଯନ୍ତା

କେନ୍ଦୁଝର୧୮।୮(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ୧୭ ନଂ. ୱାର୍ଡର ବଡ଼ହଳ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାର ଅନେକ ସ୍ଥାନରେ ଆଣ୍ଠୁଏ ଲେଖାଏଁ ଖାଲ ସୃଷ୍ଟି ହୋଇ ପାଣି ଜମି ରହୁଥିବାରୁ ରାସ୍ତା ଠିକ୍‌ରେ ଜଣାପଡୁନାହିଁ। ବହୁ ସମୟର ଦୁର୍ଘଟଣା ଘଟି ଲୋକେ ଖଣ୍ଡିଆ ଖାବରା ହେଉଛନ୍ତି। ଉକ୍ତ ରାସ୍ତା ଡିଡି କଲେଜ ରୋଡ୍ ଓ ଷ୍ଟେଶନ ରୋଡ୍‌କୁ ସଂଯୋଗ କରୁଥିବାରୁ ପ୍ରତିଦିନ ବହୁ ସଂଖ୍ୟାରେ ଲୋକେ ରାସ୍ତାଦେଇ ଯାତାୟାତ କରିଥାନ୍ତି। ଏହି ରାସ୍ତା ପାର୍ଶ୍ୱରେ ବ୍ରାହ୍ମଣୀ ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କମାରଗୋଡ଼ା ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସହିତ ପିଜି ହଷ୍ଟେଲ ରହିଛି। ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଲୋକଙ୍କୁ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ରାସ୍ତାକୁ ମରାମତି କରି ଯାତାୟାତ ଉପଯୋଗୀ କରିବାପାଇଁ ଯୁବ ଓ ଶ୍ରମ ବିକାଶ ମଞ୍ଚ ସାଧାରଣ ସମ୍ପାଦିକା ଶୈଳବାଳା ପରିଡ଼ା ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।



ଡିଡି କଲେଜ-ଷ୍ଟେଶନ ସଂଯୋଗ ରାସ୍ତା।

